ତା.୦୫.୧୨.୨୦୧୩

**ବିରୋଧୀ ଦଳର ନେତା ଶ୍ରୀ ଅରୁଣ ଜେଟଲୀଙ୍କ ଫେସ୍‌ବୁକରେ ଦିଆହୋଇଥିବା ଟିପ୍ପଣୀ ।**

ରାଜ୍ୟ ବିଧାନ ସଭା ପାଇଁ ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହୋଇଅଛି ଏବଂ ସମସ୍ତେ ବହୁ ଉତ୍କଣ୍ଠାର ସହ ଫଳାଫଳର ପ୍ରତୀକ୍ଷାରେ ରହିଛନ୍ତି । ମାତ୍ର ଏକ୍ଜିଟ ପୋଲର ମତାମତ ଅନୁଯାୟୀ କଂଗ୍ରେସ ସବୁଠାରୁ ପଛରେ ରହିଅଛି ଏବଂ ଫଳାଫଳରେ ମଧ୍ୟ ସାମାନ୍ୟତମ ପାର୍ଥକ୍ୟ ଦେଖା ଦେଇପାରେ । ଯାହା ଫଳରେ କଂଗ୍ରେସ ପୂରାପୂରି ହତୋତ୍ସାହିତ ହୋଇପଡ଼ିଛି । ତେଣୁ ଦିଲ୍ଲୀ ବିଧାନ ସଭା ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ଆଦୌ ଆସି ନଥିଲେ କହିଲେ ଚଳେ ଓ ଶୀଲା ଦିକ୍ଷୀତଙ୍କୁ ପ୍ରାୟତଃ ଏକାକି ପ୍ରଚାର କାର୍ଯ୍ୟ ସମ୍ଭାଳିବାକୁ ପଡ଼ିଥିଲା । ବାସ୍ତବ ଫଳାଫଳ ପ୍ରକାଶ ପାଇବା ପରେ କଂଗ୍ରେସ ପାର୍ଟିର କଅଣ ଅବସ୍ଥା ହେବ ?

ରାଜନୀତିର ଦୁନିଆଁରେ ଶେଷ ଦିନ ବୋଲି କିଛି ନଥାଏ । ପ୍ରତି ପରିସ୍ଥିତିରେ ମଧ୍ୟ ଏଠି ଚାଲିବାକୁ ହୋଇଥାଏ । ମାତ୍ର କଂଗ୍ରେସ ଭବିଷ୍ୟତ ଫଳାଫଳର ସୂଚନା ପାଇ ଚେଷ୍ଟା କରିବା ହିଁ ବନ୍ଦ କରି ଦେଇଥିଲା । କେନ୍ଦ୍ର ସରକାର ଯେଉଁ ଅର୍ଥନୈତିକ ପରିସ୍ଥିତି ସୃଷ୍ଟି କରିଛନ୍ତି, ତାଙ୍କ ପଙ୍ଗୁ ପ୍ରାୟ ନୀତି ନିୟମ, ଉତ୍ସାହ ବିହୀନ ନେତୃତ୍ୱ ସମସ୍ତଙ୍କୁ ଉତ୍ସାହହୀନ କରି ଦେଇଛି । ରାଜନୀତିରେ ଯେତେବେଳେ କ୍ଷମତା ବଂଶାନୁକ୍ରମିକ ରୀତିରେ ହସ୍ତାନ୍ତର ହୁଏ, ସେତେବେଳେ ଦଳ ଏକ ବ୍ୟକ୍ତିଗତ ବା ପରିବାରଗତ ସମ୍ପତ୍ତି ଭଳି ମନେହୁଏ ଓ ଦଳ କ୍ରମାନ୍ୱୟରେ ପତନାଭୀମୂଖୀ ହୋଇଥାଏ ।

ମୁଁ କେବଳ ଏହା ଦେଖିବାକୁ ଅପେକ୍ଷା କରିଛି କି, କଂଗ୍ରେସ ପାର୍ଟି ୦୮.୧୨.୨୦୧୩ରେ ନିର୍ବାଚନ ଫଳାଫଳ ବାହାରିବା ପରେ ତାହାକୁ କିପରି ଭାବରେ ଗ୍ରହଣ କରୁଛି । ଏ ପାର୍ଟିକୁ ଅନୁଧ୍ୟାନ କରି ମୁଁ ଜାଣିଛି କି, ସେମାନେ କେବେ ମଧ୍ୟ ଉପଯୁକ୍ତ ପ୍ରଶ୍ନ ପଚାରିବେ ନାହିଁ ନା ଉପଯୁକ୍ତ ଉତ୍ତର ମଧ୍ୟ ଦେଇ ପାରିବେ ନାହିଁ । ତେଣୁ ତାଙ୍କର ପାରମ୍ପାରିକ ଚିନ୍ତାଧାରା ଦେଖି ମୁଁ ଆଦୌ ଆଶ୍ଚର୍ଯ୍ୟ ମଧ୍ୟ ହେଉନାହିଁ । କାରଣ ଗୋଟିଏ ପରିବାରର ଜଣେ କେହି ସଦସ୍ୟ ବିଫଳ ହେଲେ ଅନ୍ୟ ଜଣଙ୍କୁ ସୁଯୋଗ ଦିଆଯାଉ । ଏହା ହିଁ ସମସ୍ୟାର ସମାଧାନ ।